# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**29 September - 2024**

**News Editor : Tapan Kumar Moharana**

**********************************

## ମୁଖ୍ୟ ସମ୍ବାଦ

- ସାନ୍ତାଳି ଭାଷାର ସଂରକ୍ଷଣ ପାଇଁ ରାମଜିତ୍ ଟୁଡୁଙ୍କ ପ୍ରୟାସକୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

— ‘ମନ୍ କୀ ବାତ୍’କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆକାଶବାଣୀ, ଦୂରଦର୍ଶନ ଏବଂ ପ୍ରସାରଭାରତୀର କର୍ମଚାରୀମାନଙ୍କୁ ଜଣାଇଲେ ଅଭିନନ୍ଦନ

- ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ଆସନ୍ତା ମାସ ୯ ତାରିଖ ଦିନ ଦିଆଯିବ; କହିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

ଏବଂ

- ହୃତ୍‌ପିଣ୍ଡର ଯତ୍ନ ଏବଂ ହୃଦ୍ ରୋଗ ବିଷୟରେ ଲୋକଙ୍କୁ ସଚେତନ କରାଇବା ଲାଗି ଆଜି ପାଳନ କରାଯାଉଛି ବିଶ୍ୱ ହୃତ୍‌ପିଣ୍ଡ ଦିବସ

# ମନ୍ କୀ ବାତ୍

ମେକ୍ ଇନ୍ ଇଣ୍ଡିଆ ଅଭିଯାନ ଭାରତକୁ ବିଶ୍ୱରେ ଉତ୍ପାଦନ ଏବଂ ପ୍ରସ୍ତୁତି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ସମାଜର ଆର୍ଥିକ ଦୁର୍ବଳ ବର୍ଗ, ମଧ୍ୟବିତ୍ତ ଏବଂ ଏମ୍.ଏସ୍.ଏମ୍.ଇ. କ୍ଷେତ୍ର ଏହି ଅଭିଯାନ ଦ୍ୱାରା ଯଥେଷ୍ଟ ଉପକୃତ ହେଉଛନ୍ତି ବାଲି ପ୍ରଧାନମନ୍ତ୍ରୀ ଆକାଶବାଣୀରେ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରି କହିଛନ୍ତି ।

ନିଯୁକ୍ତି କ୍ଷେତ୍ରରେ ପରିବର୍ତ୍ତନ ସ୍ଥିତି ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ନୂତନ କ୍ଷେତ୍ରର ଆବିର୍ଭାବ ସହ ନିଯୁକ୍ତିର ପରିଭାଷା ବଦଳୁଛି । ପ୍ରତିଭା ଏବଂ ସୃଜନଶୀଳତାକୁ ପ୍ରୋତ୍ସାହନ କରିବା ଲକ୍ଷ୍ୟରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ 'ଭାରତରେ ପ୍ରସ୍ତୁତ' ଶୀର୍ଷକ ପ୍ରସଙ୍ଗ ଆଧାରରେ ୨୫ଟି ବର୍ଗରେ ପ୍ରତିଯୋଗିତା ଆୟୋଜନ କରୁଛି । ଏଥିରେ ଅଂଶଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

ଆସନ୍ତା ଅକ୍ଟୋବର ମାସ ୨ ତାରିଖରେ ସ୍ୱଚ୍ଛ ଭାରତ ମିଶନକୁ ୧୦ବର୍ଷ ପୂରଣ ହେବ । ଏହାର ସଫଳତା ଉପରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ସ୍ୱଚ୍ଛତା ଉପରେ ସମସ୍ତେ ଅଧିକ ଧ୍ୟାନ ଦେଉଛନ୍ତି ।

ବର୍ଜ୍ୟଠାରୁ ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ଏହି ମନ୍ତ୍ର ଅଧିକ ଗ୍ରହଣୀୟ ହୋଇପାରିଛି । ଲୋକଙ୍କ ସହଭାଗିତା ଏହାକୁ ଏକ ଜନ

ଆନ୍ଦୋଳନରେ ପରିଣତ କରିଛି । ଦେଶବାସୀଙ୍କର ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତି ଏହା ଏକ ପ୍ରକୃଷ୍ଟ ଶ୍ରଦ୍ଧାଞ୍ଜଳି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

'ଏକ୍ ପେଡ୍ ମା କେ ନାମ୍' ଅଭିଯାନରେ ଅଧିକରୁ ଅଧିକ ଲୋକଙ୍କର ଯୋଗଦାନ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି । ନିର୍ଦ୍ଧାରିତ ଲକ୍ଷ୍ୟଠାରୁ ଅଧିକ ଚାରାରୋପଣ କରି କେତେକ ରାଜ୍ୟ ଉତ୍କର୍ଷ ପ୍ରତିପାଦନ କରିପାରିଛନ୍ତି ବୋଲି ସେ କହିଛନ୍ତି ।

ମାତୃଭାଷାର ମହତ୍ୱ ଉପରେ ଆଲୋଚନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଦେଶରେ ୨୦ହଜାର ଭାଷା ଏବଂ ଉପଭାଷା ରହିଛି । ସାନ୍ତାଳି ଭାଷାର ସଂରକ୍ଷଣ ପାଇଁ ନିଆଯାଇଥିବା ପ୍ରୟାସକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପ୍ରଶଂସା କରିଛନ୍ତି ।

ମୟୂରଭଞ୍ଜ ନିବାସୀ ରାମଜିତ୍ ଟୁଡୁ ଅନ୍‌ଲାଇନ୍ ମାଧ୍ୟମରେ ସାନ୍ତାଳି ଭାଷାର ପ୍ରଚାର ଏବଂ ପ୍ରସାର ଉପରେ ନେଉଥିବା ପଦକ୍ଷେପର ଉଚ୍ଚ ପ୍ରଶଂସା କରିଛନ୍ତି ।

ସାନ୍ତାଳି ଭାଷାର ପ୍ରଚାର ଏବଂ ପ୍ରସାର ଉପରେ ରାମଜିତ୍ ଟୁଡୁ ଆକାଶବାଣୀକୁ କହିଛନ୍ତି......

## - V/O -

ମନ୍ କି ବାତ୍‌ର ଇତିହାସକୁ ପର୍ଯ୍ୟାଲୋଚନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଏହି କାର୍ଯ୍ୟକ୍ରମକୁ ୧୦ବର୍ଷ ପୂରଣ ହେବାକୁ ଯାଉଛି । ୨୦୧୪ ଅକ୍ଟୋବର ୩ ତାରିଖରେ ବିଜୟାଦଶମୀ ଦିନ ମନ୍ କି ବାତ୍ କାର୍ଯ୍ୟକ୍ରମର

ଆରମ୍ଭ ହୋଇଥିଲା । ଶ୍ରୋତାଙ୍କୁ ଏହି କାର୍ଯ୍ୟକ୍ରମର ପ୍ରକୃତ ଉପସ୍ଥାପକ ବୋଲି ପ୍ରଧାନମନ୍ତ୍ରୀ ବର୍ଣ୍ଣନା କରିଛନ୍ତି । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆକାଶବାଣୀ, ଦୂରଦର୍ଶନ ଏବଂ ପ୍ରସାରଭାରତୀ ସହ ଜଡିତ ପ୍ରତ୍ୟେକ କର୍ମଚାରୀ ଏବଂ ଅଧିକାରୀଙ୍କର ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି ।

## ସୁଭଦ୍ରା ଯୋଜନା କିସ୍ତି

ଆସନ୍ତାମାସ ୯ ତାରିଖ ଦିନ ସୁଭଦ୍ରା ଯୋଜନା ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ହିତାଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ବାରିପଦାଠାରେ ଆୟୋଜିତ ଏକ ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ବଣ୍ଟନ କରିବେ। ସୁଭଦ୍ରା ଯୋଜନାରେ ପ୍ରଥମ ଓ କୋଟିଏ ନମ୍ବରରେ ଥିବା ମହିଳା ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିବେ। ଦ୍ୱିତୀୟ ପର୍ଯ୍ୟାୟରେ ୪୦ ଲକ୍ଷ ଆବେଦନକାରୀଙ୍କୁ ପ୍ରଥମ କିସ୍ତିର ୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଚଳିତମାସ ୭ ତାରିଖ ପର୍ଯ୍ୟନ୍ତ ଆବେଦନ କରିଥିବା ହିତାଧିକାରୀ ମହିଳାମାନେ ଆସନ୍ତାମାସ ୯ ତାରିଖରେ ଏହି ଟଙ୍କା ପାଇବେ। ବର୍ତ୍ତମାନସୁଦ୍ଧା ୯୬ ଲକ୍ଷ ମହିଳା ସୁଭଦ୍ରା ଯୋଜନା ପାଇଁ ଆବେଦନ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ରାଜ୍ୟରେ ଗତ ୧୭ ତାରିଖରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ୧୧ ହଜାର ମହିଳାଙ୍କୁ ପ୍ରଥମ କିସ୍ତି ପ୍ରଦାନ କରାଯାଇଛି। ମାର୍ଚ୍ଚ ୮ ତାରିଖ

ପୂର୍ବରୁ ସମସ୍ତ ଯୋଗ୍ୟ ମହିଳା ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ଟଙ୍କା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି।

## ମୁଖ୍ୟମନ୍ତ୍ରୀ-ଯାଜପୁର ସଭା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଯାଜପୁର ଜିଲ୍ଲା ଗସ୍ତରେ ଆସି ବଡଚଣା ବ୍ଲକ୍ ଅନ୍ତର୍ଗତ ବୁଢ଼ାକେନ୍ଦୁଆଠାରେ ଆୟୋଜିତ ଏକ ସାଧାରଣ ସଭାରେ ଯୋଗଦେଇଛନ୍ତି। ବିଜେପିର ସଦସ୍ୟତା ଅଭିଯାନ ଓ ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ ଏହି ସଭାର ଆୟୋଜନ କରାଯାଇଥିଲା। ସରକାରଙ୍କ ୧୦୦ ଦିନ ପୂର୍ତ୍ତିର ସଫଳତା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏଥିସହିତ ଭାରତର ବିକାଶରେ ଲୋକମାନେ ଯୋଡି ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ବଡଚଣା ବିଧାୟକ ଅମର ନାୟକ, ଧର୍ମଶାଳା ବିଧାୟକ ହିଂମାଂଶୁ ଶେଖର ସାହୁ, ସୁକିନ୍ଦା ବିଧାୟକ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଉପସ୍ଥିତ ଥିଲେ।

# ବିଶ୍ୱ ହୃତ୍‌ପିଣ୍ଡ ଦିବସ

ହୃତ୍‌ପିଣ୍ଡର ଯତ୍ନ ଏବଂ ହୃଦ୍‌ରୋଗ ବିଷୟରେ ଲୋକମାନଙ୍କୁ ସଚେତନ କରାଇବା ଲାଗି ୨୦୦୦ ମସିହାଠାରୁ ଆଜିର ଦିନକୁ ବିଶ୍ୱ ହୃତ୍‌ପିଣ୍ଡ ଦିବସ ଭାବେ ପାଳନ କରାଯାଉଛି। ଚଳିତ ବର୍ଷର ବିଶ୍ୱ ହୃତ୍‌ପିଣ୍ଡ ଦିବସର ବାର୍ତ୍ତା ରହିଛି - 'ଉପଯୁକ୍ତ କାର୍ଯ୍ୟବିଧାନ ପାଇଁ ହୃତ୍‌ପିଣ୍ଡକୁ ବ୍ୟବହାର କରନ୍ତୁ'।

ମଣିଷ ଶରୀରର ହୃତ୍‌ପିଣ୍ଡ ଏକ ମାଂସପେଶୀୟ ଅଂଗ। ହୃତ୍‌ପିଣ୍ଡ ଗୋଟିଏ ଦିନରେ ଜଣେ ଲୋକର ୬ ହଜାରରୁ ୭ ହଜାର ୫୦୦ ଲିଟର ରକ୍ତ ସଂଚାଳନ କରିଥାଏ। ହୃତ୍‌ପିଣ୍ଡ ଗୋଟିଏ ଛୋଟ ପମ୍ପ ପରି। ପ୍ରତି ମିନିଟ୍‌ରେ ନିୟମିତ ଭାବେ ୭୨ ଥର ସ୍ପନ୍ଦନ କରୁଥିବା ହୃତ୍‌ପିଣ୍ଡ ଦିନକୁ ୧ ଲକ୍ଷରୁ ଅଧିକ ଥର ଏବଂ ବର୍ଷକୁ ୩୬୫ ଲକ୍ଷ ଥର ସ୍ପନ୍ଦିତ ହୋଇଥାଏ। ଜଣେ ଲୋକର ହୃତ୍ ସ୍ପନ୍ଦନ ୬୦ ରୁ କମ୍ ଏବଂ ନିରନ୍ତର ଭାବେ ୧୦୦ରୁ ଅଧିକ ରହିଲେ ହୃଦ୍ ରୋଗର ଶିକାର ହୋଇଥାନ୍ତି। ଉଚ୍ଚରକ୍ତଚାପ, ମଧୁମେହ, ଅତ୍ୟଧିକ କୋଲେଷ୍ଟ୍ରଲ, ମୋଟାପଣ, ମାନସିକ ଦୁଃଶ୍ଚିନ୍ତା, ଧୂମପାନ, କମ୍ ପରିଶ୍ରମ ଏବଂ ବଦଳୁଥିବା ଜୀବନଶୈଳୀ ପାଇଁ ଲୋକମାନେ ହୃଦ୍‌ରୋଗର ଶିକାର ହେଉଛନ୍ତି।

ପୃଥିବୀରେ ପ୍ରତ୍ୟେକ ବର୍ଷ ୧ କୋଟି ୭୦ ଲକ୍ଷ ଲୋକ ହୃଦ୍‌ରୋଗରେ ମୃତ୍ୟୁବରଣ କରିଥାନ୍ତି। ସେମାନଙ୍କ ମଧ୍ୟରୁ ମଧ୍ୟମ ଏବଂ କମ୍ ଆୟ ଦେଶର ପ୍ରାୟ ୮୦ ପ୍ରତିଶତ ଲୋକଙ୍କର ମୃତ୍ୟୁ ହୋଇଥାଏ। ଏକ ବେସରକାରୀ ସୂଚନା ଅନୁସାରେ ଓଡ଼ିଶାରେ ପ୍ରାୟ ୫ ଲକ୍ଷ ଲୋକ ହୃଦ୍‌ରୋଗର ଶିକାର ହୋଇଥାନ୍ତି। ସରକାରୀ ଡାକ୍ତରଖାନାରେ ହୃଦ୍‌ରୋଗର ଚିହ୍ନଟ ଓ ଚିକିତ୍ସା ମାଗଣାରେ କରାଯାଉଛି। ରାଷ୍ଟ୍ରୀୟ ବାଲ୍‌ବିକାଶ କାର୍ଯ୍ୟକ୍ରମ ଅଧୀନରେ ଶିଶୁମାନଙ୍କ ପାଇଁ ହୃତ୍‌ଶଲ୍ୟ ଚିକିତ୍ସା ପ୍ରମୁଖ ଡାକ୍ତରଖାନାଗୁଡ଼ିକରେ ବିନା ଦେୟରେ ମିଳିପାରୁଛି। ସୁଷମଖାଦ୍ୟ, ନିୟମିତ ବ୍ୟାୟାମ ଓ ସ୍ୱାସ୍ଥ୍ୟ ପରୀକ୍ଷା ଦ୍ୱାରା ହୃଦ୍‌ରୋଗକୁ ହ୍ରାସ କରାଯାଇପାରିବ।

## ଭଦ୍ରକ ଉତ୍ତେଜନା

**ଭଦ୍ରକ** ଜିଲ୍ଲା ଧାମନଗର ସମେତ ପୁରୁଣା ବଜାର ଓ ସନ୍ଥିଆ ଅଂଚଳରେ ପ୍ରଶାସନ ପକ୍ଷରୁ ୧୬୩ ଧାରା ଲାଗୁ ଅବ୍ୟାହତ ରହିଥିବାବେଳେ ଇଣ୍ଟରନେଟ୍ ସେବା ବନ୍ଦ ରହିଛି। ଭଦ୍ରକ ସହର ସନ୍ଥିଆ ଓ ପୁରୁଣାବଜାର ଅଂଚଳ, ଧାମନଗର ଓ ଦୋବଲରେ ପୁଲିସ୍ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ଅଦ୍ୟାବଧି ଭଦ୍ରକରେ ୭ ଜଣଙ୍କୁ ପୁଲିସ୍ ଗିରଫ କରିଥିବାବେଳେ ଧାମନଗରରେ ୭ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନାଯୋଗ୍ୟ, ଗତକାଲି ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଏକ ଘଟଣାକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଥିଲା।

## ଏକ୍ ପେଡ୍ ମା’କେ ନାମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ‘ଏକ୍ ପେଡ୍ ମା’କେ ନାମ୍’ ଆହ୍ୱାନକୁ ନେଇ ସୁବର୍ଣ୍ଣପୁର ରିଂ-ରୋଡ୍‌ରେ ଜିଲ୍ଲା ପ୍ରଶାସନ ଓ ବନବିଭାଗ ସହାୟତାରେ ବରିଷ୍ଠ ନାଗରିକ ସଂଘ ଓ ଶ୍ରୀଗୋପାଳଜୀ ଯୋଗାଳୟର କର୍ମକର୍ତ୍ତାମାନେ ଚାରାରୋପଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଆଜି ମହାନଦୀ ସେତୁଠାରୁ ଗୋକର୍ଣ୍ଣେଶ୍ୱର ମନ୍ଦିର ପର୍ଯ୍ୟନ୍ତ ୩୫୦ଟି ଚାରାରୋପଣ କରାଯାଇଛି। ନଦୀକୂଳର ସୁରକ୍ଷା ସହିତ ପରିବେଶ ପାଇଁ ବୃକ୍ଷରୋପଣ ଏକ ସବୁଜ ଆହ୍ୱାନ ବୋଲି ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ କହିଛନ୍ତି।

## ସ୍ୱଚ୍ଛତା ହିଁ ସେବା

**ନବରଙ୍ଗପୁର** ଜିଲ୍ଲାର ୧୦ଟି ବ୍ଲକ୍ ଓ ୨ଟି ପୌରପାଳିକାରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ଜାରି ରହିଛି। ନବରଙ୍ଗପୁର ପୌରପାଳିକା ପକ୍ଷରୁ ଆଜି ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ବିଧାୟକ ଗୌରୀଶଙ୍କର ମାଝୀ ସବୁଜ ପତାକା ଦେଖାଇ ଏହି ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ସ୍ୱଚ୍ଛସାଥୀ, ସ୍ୱଚ୍ଛ କର୍ମୀଙ୍କ ସହିତ ମହାବିଦ୍ୟାଳୟ ଓ ବିଦ୍ୟାଳୟର ବିଦ୍ୟାର୍ଥୀମାନେ ଏଥିରେ ସାମିଲ ହୋଇଥିଲେ।

**ଗଂଜାମ** ଜିଲ୍ଲା ସୋରଡା ଖୁଣ୍ଟେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଆଜି ଅନୁଷ୍ଠିତ ସ୍ୱଚ୍ଛତା କର୍ମଶାଳାରେ ବିଧାୟକ ନୀଳମଣି ବିଶୋୟୀ ଯୋଗଦେଇ ପରିମଳ ଓ ଭିତ୍ତିଭୂମି ବିକାଶ ସହିତ ସ୍ୱଚ୍ଛତା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିସହିତ ବଡ଼ାଖାନ କାର୍ଯ୍ୟକ୍ରମ ଅନ୍ତର୍ଗତ ସଫେଇ କର୍ମଚାରୀମାନଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

*********************************